

# କଟକ ରିଂ-ବନ୍ଧ ପାଲଟିଛି ଅପରାଧୀଙ୍କ ଭୂ-ସ୍ୱର୍ଗ

କଟକ, ୧୯।୪(ସମିସ)




କଟକ ସହରକୁ ଘେରି ରହିଥିବା ମହାନଦୀ ଓ କାଠଯୋଡ଼ି ରିଂବନ୍ଧ ଏବେ ସାଧାରଣ ଜନତାଙ୍କ ପାଇଁ ମରଣଯନ୍ତା ପାଲଟିଛି। ସନ୍ଧ୍ୟା ନଇଁଲେ ଏହି ନିଛାଟିଆ ରାସ୍ତାଗୁଡ଼ିକରେ ଲୁଟେରା ଓ ନିଶାଡିଙ୍କ ପ୍ରାଦୁର୍ଭାବ ଏଭଳି ବୃଦ୍ଧି ପାଉଛି ଯେ ଲୋକେ ଯାତାୟାତ କରିବାକୁ ଭୟ କରୁଛନ୍ତି। ଗତ ମାତ୍ର ୩ ମାସ ମଧ୍ୟରେ ରିଂବନ୍ଧ ଅଞ୍ଚଳରେ ୬ଟି ଛିନ୍‌ତାଇ, ୪ଟି ଗାଡ଼ି ଚୋରି ଏବଂ ୧୩ଟି ଚୋରି ମାମଲା ରୁଜୁ ହୋଇସାରିଲାଣି। କ୍ୟାମେରା ଓ ଆଲୋକର ଅଭାବରୁ ଅପରାଧୀମାନେ ଏଠାରେ ନିଜର ସାମ୍ରାଜ୍ୟ ବିସ୍ତାର କରୁଥିବା ଦେଖିବାକୁ ମିଳିଛି। ଗତକାଲି ଅପରାହ୍ନରେ ରିଂବନ୍ଧ ଉପରେ ଘଟିଥିବା ଏକ ଲୋମହର୍ଷଣକାରୀ ଘଟଣା ସହରବାସୀଙ୍କୁ ସ୍ତବ୍ଧ କରିଦେଇଛି। ବିଡ଼ାନାସୀ ଅଞ୍ଚଳର ଜଲିରାଣୀ ନାୟକ ଓ ତାଙ୍କ ଝିଅ ଶୁଭଶ୍ରୀ ସପିଂ ସାରି ସ୍କୁଟିରେ ଘରକୁ ଫେରୁଥିବା ବେଳେ ହରିଣ ପାର୍କ ନିକଟରେ ଜଣେ ବାଇକ୍ ଆରୋହୀ ଲୁଟେରା ତାଙ୍କ ବେକରୁ ୨ ଭରିର ସୁନା ଚେନ୍ ଛିଣ୍ଡାଇ ନେଇଥିଲା। ଏହି ଟଣାଓଟରା ମଧ୍ୟରେ ମହିଳା ଜଣକ ଗାଡ଼ିରୁ ପଡ଼ିଯାଇ ଗୁରୁତର ହୋଇଥିଲେ। ବର୍ତ୍ତମାନ ସେ ଅଚେତ ଅବସ୍ଥାରେ ଏସସିବି ମେଡିକାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏହି ଘଟଣା ପୁଲିସର ପାଟ୍ରୋଲିଂ ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମଣିମନ୍ଦିର ଛକଠାରୁ ଖାନନଗର, ମଲାଚଣ୍ଡିଆରୁ ଜୁଡିସିଆଲ୍ ଏକାଡେମୀ ଏବଂ ଚହଟାରୁ ନରାଜ ପର୍ଯ୍ୟନ୍ତ ସମଗ୍ର ରିଂବନ୍ଧ ଏବେ ନିଶାଡିଙ୍କ ଆ‡ାସ୍ଥଳୀ ପାଲଟିଛି। ସନ୍ଧ୍ୟା ପରେ ଏହି ସ୍ଥାନମାନଙ୍କରେ ଅସାମାଜିକ ଯୁବକମାନେ ନିଶା ସେବନ କରି ଏକୁଟିଆ ପଥଚାରୀଙ୍କୁ ଟାର୍ଗେଟ୍ କରୁଛନ୍ତି। କମିଶନରେଟ୍ ପୁଲିସ ପକ୍ଷରୁ ଆରମ୍ଭ କରାଯାଇଥିବା 'ଅପରାଧ ପ୍ରତିରୋଧ ଓ ଚିହ୍ନଟ ୟୁନିଟ୍' ଏବେ ପ୍ରାୟତଃ ବନ୍ଦ ହେବା ଅବସ୍ଥାକୁ ଚାଲିଆସିଛି। ଲୋକଙ୍କ ଅଭିଯୋଗ ନେବା ପାଇଁ ଜାରି ହୋଇଥିବା ଟୋଲ୍-ଫ୍ରି ନମ୍ବର (୭୯୭୮୮୯୪୪୦୫) ଏବେ ସାଧାରଣ ଲୋକଙ୍କ କାମରେ ଆସୁନାହିଁ। ଏ ସମ୍ପର୍କରେ ଏଡିସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି ଯେ ରିଂବନ୍ଧ କଡ଼ରେ ଥିବା ସମସ୍ତ ଥାନା ଯଥା ପୁରୀଘାଟ, ଲାଲବାଗ, ବିଡ଼ାନାସୀ ଓ କ୍ୟାଣ୍ଟନମେଣ୍ଟକୁ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସିସି କ୍ୟାମେରା ସଂଖ୍ୟା ବଢ଼ାଇବାକୁ ମଧ୍ୟ ଯୋଜନା ରହିଛି। ମାତ୍ର ପ୍ରଶ୍ନ ଉଠୁଛି, ଅପରାଧ ଘଟିବା ପରେ ପୁଲିସ କାହିଁକି ତତ୍ପରତା ଦେଖାଉଛି? ଲୁଟେରାଙ୍କୁ ସାବାଡ଼୍ କରିବା ପାଇଁ କମିସନରେଟ୍ ପୁଲିସ ଏକ ଶାଣିତ ରଣନୀତି ପ୍ରସ୍ତୁତ ନ କଲେ, କଟକ ରିଂବନ୍ଧରେ ଯାତାୟାତ କରିବା ଏକ ଦୁଃସ୍ୱପ୍ନ ହୋଇଯିବ।

## 'ମହବତ୍ କା ସରବତ୍' କାର୍ଯ୍ୟକ୍ରମ

**କଟକ, ୧୯।୪(ସମିସ):** ଭାରତୀୟ ସମ୍ବିଧାନର ଜନକ ମହାପୁରୁଷ ଡକ୍ଟର ବିଆର ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଅବସରରେ କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ପଣା ବଣ୍ଟନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ବିଶ୍ୱବିଦ୍ୟାଳୟ ସମ୍ମୁଖରେ ପ୍ରାୟ ହଜାର ଲୋକଙ୍କୁ ଦହିପଣା ଏବଂ 'ମହବତ୍ କା ସରବତ୍' ପ୍ରଦାନ କରାଯାଇଥିଲା। ଏହି ଜୟନ୍ତୀ ପାଳନ ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି, ଆଇନ ଛାତ୍ରଛାତ୍ରୀ ଏବଂ ସମାଜସେବୀ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କର ମହାନ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।



## ୱାକର୍ସ କ୍ଲବ-କଟକ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା

**କଟକ, ୧୯।୪(ସମିସ):** ୱାକର୍ସ କ୍ଲବ, କଟକ ପକ୍ଷରୁ ମାସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ବଙ୍ଗାଳି ସାହିସ୍ଥିତ ରାମକୃଷ୍ଣ କୁଟୀରଠାରେ ଅନୁଷ୍ଠିତ ହୋଇଯାଇଛି। ୱାକର୍ସ କ୍ଲବର ଉପସଭାପତି ପ୍ରଫୁଲ୍ଲ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ହୃଦରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଦୀପକ ରଞ୍ଜନ ଦାସ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରିୟରଞ୍ଜନ ମହାପାତ୍ର, ଅବସରପ୍ରାପ୍ତ ବିଚାରପତି ମନୋରଞ୍ଜନ ମହାନ୍ତି, କେକେ ଦାସ ବର୍ମା, ଶ୍ୟାମସୁନ୍ଦର ସାହୁ, ବନମାଳୀ ଶୁକ୍ଳ, ପ୍ରଶାନ୍ତ କାନୁନଗୋ, ବିଦ୍ୟୁତ ଲାଲା, ବିଲକେଶ ପରବିନ, ଫନିନ୍ଦ୍ର ମଲ୍ଲିକ, ଶ୍ୟାମସୁନ୍ଦର ସାହୁ, କୃତିବାସ ପଣ୍ଡା, ଗୌତମ କର, ବିଜୟଲକ୍ଷ୍ମୀ କର, ପ୍ରତାପଚନ୍ଦ୍ର ମହାନ୍ତି, ଓଁକାର ରାଉତ, ପିର ପ୍ରସାଦ ଶତପଥି, ଶୁଭଲକ୍ଷ୍ମୀ ସାହୁ, ବାବୁଲୀଧର ନାୟକ, ପ୍ରବୀଣ କୁମାର ପାତ୍ର ପ୍ରମୁଖ ସଦସ୍ୟମାନଙ୍କ ସହିତ କୁଟୀରର ଅନ୍ତେବାସୀ ବୃନ୍ଦ ଉପସ୍ଥିତ ଥିଲେ। କୁଟୀରର ତତ୍ତ୍ୱାବଧାରକ ସୁଭାଷଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।




## କଟକ ମାରୱାଡ଼ି ସମାଜ ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ

**କଟକ, ୧୯।୪(ସମିସ):** ନୂଆସଡ଼କସ୍ଥିତ ସତ୍ୟନାରାୟଣ ମନ୍ଦିର ନିକଟରେ କଟକ ମାରୱାଡ଼ି ସମାଜ ସଭାପତି ସଞ୍ଜୟ ଶର୍ମାଙ୍କ ଦ୍ୱାରା ଏକ ଜଳଛତ୍ର ଉଦଘାଟିତ ହୋଇଯାଇଛି। ପ୍ରାୟ ସାଢ଼େ ତିନି ହଜାର ପଥଚାରୀଙ୍କୁ ଶୀତଳ ପାନୀୟଜଳ, ମିଠା ଦହି ଲସି ଏବଂ ରୋଜ୍ ଲସି ବଣ୍ଟନ କରାଯାଇଥିଲା। ଏହି ସେବା ଆଗାମୀ ଦୁଇ ମାସ ପର୍ଯ୍ୟନ୍ତ ନିରନ୍ତର ଜାରି ରହିବ ବୋଲି ସମାଜ ପକ୍ଷରୁ ସୂଚନା ଦିଆଯାଇଛି। କେବଳ ପାଣି ନୁହେଁ, ବରଂ ପ୍ରତିଦିନ ପରିବର୍ତ୍ତିତ ଭାବେ ଦହି ପାଣି, ସର୍ବତ, ଲେମ୍ବୁ ପାଣି, ଆମ୍ବ ପଣା, ବେଲ ପଣା ଏବଂ ତରଭୁଜ ଆଦି ବଣ୍ଟନ କରାଯିବାର ବ୍ୟବସ୍ଥା ହୋଇଛି। ଏହି ଅବସରରେ ସଭାପତି ଶ୍ରୀ ଶର୍ମା ସମାଜର ମାତୃଶକ୍ତି ଓ ଯୁବଶକ୍ତିଙ୍କୁ ଏହି ସେବା କାର୍ଯ୍ୟରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉପସଭାପତି ବିଜୟ ଅଗ୍ରୱାଲ, ଅବିନାଶ ଖେମକା, କୋଷାଧ୍ୟକ୍ଷ ସୁନୀଲ ଜାଲାନଙ୍କ ସମେତ ପୂର୍ବତନ ସଭାପତି କିଶନ ମୋଦୀ ଏବଂ ସମାଜର ବହୁ ବରିଷ୍ଠ କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ରହି ସେବା ପ୍ରଦାନ କରିଥିଲେ। ସହରର ବ୍ୟସ୍ତବହୁଳ ଅଞ୍ଚଳରେ ଏଭଳି ଏକ ମହତ ପ୍ରୟାସକୁ ସାଧାରଣ ଜନତା ସ୍ୱାଗତ କରିଛନ୍ତି।



## ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା

**ତ୍ରିଶୂଳିଆ, ୧୯।୪(ସମିସ):** ବାରଙ୍ଗ ବ୍ଲକ ନରାଜ ଅରିଲୋସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୧୦ମ ବୋର୍ଡ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଏହି ବିଦ୍ୟାଳୟର ଚଳିତ ବର୍ଷ ୫୮ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୮ଜଣ ଛାତ୍ରଛାତ୍ରୀ ୯୦ପ୍ରତିଶତ ଅଧିକ ନମ୍ବର ରଖିଛନ୍ତି। ସେଥିରେ ଶ୍ରଦ୍ଧାସୁମନ ୯୯ ପ୍ରତିଶତ, ଆଶୁତୋଷ ବେହେରା ୯୬.୮ ପ୍ରତିଶତ, ସୋମରାଜ ପଣ୍ଡା ୯୬.୪ ପ୍ରତିଶତ, ଲକ୍ଷ୍ମୀପ୍ରିୟା ଦାସ ୯୬ ପ୍ରତିଶତ, ବିଶ୍ୱରଞ୍ଜନ ନାୟକ ୯୫.୬ ପ୍ରତିଶତ, ଆଶିଷ ରାଉତ ୯୩.୪ ପ୍ରତିଶତ, ଲକ୍ଷ୍ମୀପ୍ରିୟା ବିଷୋୟୀ ୯୦.୬ ପ୍ରତିଶତ, ଦିବ୍ୟରାଣୀ ନାୟକ ୯୦.୨ ପ୍ରତିଶତ ନମ୍ବର ରଖିଥିବାରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ ନାୟକ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ଶିବିର

**ଚୌଦ୍ୱାର, ୧୯।୪(ସମିସ):** ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀରେ ବିଶ୍ୱହିନ୍ଦୁ ପରିଷଦ, ଓଡ଼ିଶା ଶାଖା (ପୂର୍ବ)ର ସେବା ବିଭାଗ ତରଫରୁ ସ୍ଥାନୀୟ ଶିଶୁ ସଦନରେ ଶିଶୁ ସ୍ୱାସ୍ଥ୍ୟ ଓ ଶିଶୁ ଯତ୍ନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ସଦନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ମାନସ ରଞ୍ଜନ ବିଶ୍ୱାଳ, ଡା. ଭୂପେନ୍ଦ୍ର ବୁଢ଼ା, ଡା. ଦେବୀ କଲ୍ୟାଣ ମିଶ୍ର ପ୍ରମୁଖ ଶିଶୁମାନଙ୍କର ସ୍ୱାସ୍ଥ୍ୟର ସ୍ଥିତି, ଶିଶୁମାନଙ୍କର ଉପଯୁକ୍ତ ଯତ୍ନ ଓ ପରିଷ୍କାର ପରିଚ୍ଛନ୍ନତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଶିଶୁ ସଦନର ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅମୀୟ ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



## ଚହଟା ଅଞ୍ଚଳରେ ସିରିଜ୍ ଚୋରି

**କଟକ, ୧୯।୪(ସମିସ):** ବିଡାନାସୀ ଥାନା ଅନ୍ତର୍ଗତ ଚହଟା ଅଞ୍ଚଳରେ ଗତକାଲି ରାତିରେ ସିରିଜ ଚୋରି ହୋଇଛି। ଦୁର୍ବୃତ୍ତ ଉକ୍ତ ଅଞ୍ଚଳର ୩ଟି ଦୋକାନରେ କଳାକନା ବୁଲାଇ ଦେଇଛନ୍ତି। ଏନେଇ ବିଡାନାସୀ ଥାନାରେ ଏତଲା ହେବା ପରେ ପୁଲିସ ତନାଘନା ଜାରି ରଖିଛି। ପୁଲିସ ସୂଚନା ଅନୁସାରେ, ଚହଟା ଛକଠାରୁ ଧବଳେଶ୍ୱର ଅଭିମୁଖେ ଯାଇଥିବା ରାସ୍ତାର ମାତ୍ର ୧୦୦ ମିଟର ପରେ ବିଡାନାସୀର ଦୀପକ ବେହେରା 'ଓପୋଲଫେଡ' ଦୋକାନ କରିଛନ୍ତି। ରବିବାର ଭୋରରୁ ଦୋକାନ ଖୋଲିବା ପାଇଁ ପହଞ୍ଚିଲା ବେଳକୁ କବାଟ ତଡ଼ାଯାଇଛି। ଭିତରେ ଥିବା କୋଲ୍ଡଡ୍ରିଙ୍କସ, ସିଗାରେଟ ଓ ଅଣ୍ଡା ସହିତ କ୍ୟାସବାକ୍ସରେ ଥିବା ସମସ୍ତ ୭ ହଜାର ଟଙ୍କା ଚୋରି ହୋଇଯାଇଛି। ସେହିପରି ନିକଟ ଚହଟା ନଗର ଲେନ-୪ରେ ଜିତୁ ମହାନ୍ତିଙ୍କର ଏକ ବଡ ହୋଲସେଲ ଦୋକାନ ରହିଛି। ଉକ୍ତ ଦୋକାନର ସର୍ଟରକୁ ତାଡି ଦୁର୍ବୃତ୍ତମାନେ ବହୁ ଜିନିଷପତ୍ର ଓ କ୍ୟାସବାକ୍ସରେ ଥିବା ଟଙ୍କା ଲୁଟି ନେଇଛନ୍ତି। ଏହିକ୍ରମରେ ନିକଟ ଅନ୍ୟ ଏକ ଗ୍ରୋସରୀ ଦୋକାନରୁ ମଧ୍ୟ ଦୁର୍ବୃତ୍ତମାନେ ସର୍ଟର ତାଡି ଲୁଟପାଟ କରିଛନ୍ତି। ତେବେ ରବିବାର ସକାଳେ ଏହି ବିଷୟ ତିନି ଦୋକାନୀ ଦେଖିବା ପରେ ତୁରନ୍ତ ବିଡାନାସୀ ଥାନାରେ ଏତଲା ଦେଇଥିଲେ। ପୁଲିସ ଆସି ତଦନ୍ତ ଆରମ୍ଭ କରିଛି। ଏନେଇ ବିଡାନାସୀ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଛି। ଏହି ଲୁଟପାଟ ପଛରେ ୩ରୁ ୪ ଜଣ ଦୁର୍ବୃତ୍ତ ଥିବା ପୁଲିସ ଅନୁମାନ କରୁଛି। ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୁଲିସ ଟିମ ନିକଟ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରୁଛି।

## ଗଣ୍ଡଗୋଳ ଘଟଣାରେ ୨ ଗିରଫ

**କଟକ, ୧୯।୪(ସମିସ):** ପୁରୀଘାଟ ଥାନା ପୁଲିସ ପୃଥକ ମାରପିଟ୍ ଘଟଣାରେ ଆଜି ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ତେଲେଙ୍ଗାବଜାରର ସୁକାନ୍ତ ବାରିକ୍ ଓ ଭଗତପୁରର ଅରୁଣ କୁମାର ରାଉତ। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ପୁଲିସ ସୂଚନା ଅନୁସାରେ, ଗତବର୍ଷ ଭଗତପୁର ଓ ତେଲେଙ୍ଗାବଜାର ଅଞ୍ଚଳରେ ଗଣ୍ଡଗୋଳ ଘଟିଥିଲା। ଘଟଣାର ତଦନ୍ତ କରାଯିବା ପରେ ସୁକାନ୍ତ ଓ ଅରୁଣ ଅଭିଯୁକ୍ତ ଥିବା ଜଣାପଡ଼ିଥିଲା। ଏପଟେ ଗିରଫ ଭୟରେ ଉଭୟ ଫେରାର ହୋଇଯାଇଥିଲା। କିଛିଦିନ ହେବ ଉଭୟ ଘରକୁ ଆସିଥିବା ଜଣାପଡ଼ିଥିଲା। ଫଳରେ ଯୋଜନା ଅନୁଯାୟୀ ଆଜି ଘରେ ଚଢ଼ଉ କରାଯାଇ ଉଭୟଙ୍କୁ ଗିରଫ କରାଯାଇଛି।

## ସୁନ୍ଦରଗ୍ରାମ ଉଚ୍ଚବିଦ୍ୟାଳୟର ପ୍ଲାଟିନମ୍ ଜୟନ୍ତୀ ଉଦ୍‌ଘାଟିତ




**ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମାନ୍ୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

**କଣ୍ଟାପଡ଼ା, ୧୯।୪(ସମିସ):** କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଐତିହାସିକ ସୁନ୍ଦରଗ୍ରାମ ଉଚ୍ଚ ବିଦ୍ୟାଳୟର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ଦୁଇଦିନିଆ ପ୍ଲାଟିନମ୍ ଜୟନ୍ତୀ ଉତ୍ସବ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ମାଝୀ ସୁନ୍ଦରଗ୍ରାମ ଉଚ୍ଚ ବିଦ୍ୟାଳୟକୁ ଆଗାମୀ ଦିନରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (+୨)ରେ ପରିଣତ କରାଯିବ ବୋଲି ଘୋଷଣା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସେ ବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ଲାଟିନମ୍ ଜୟନ୍ତୀ କମିଟି ସଭାପତି ସୁଶାନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସାଂସଦ ବିଭୂପ୍ରସାଦ ତରାଇ, ନିଆଳୀ ବିଧାୟକ ଛବି ମଲ୍ଲିକ, ପ୍ରାକ୍ତନ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଏବଂ ଏନଆଇଟି ରାଉରକେଲାର ପ୍ରାକ୍ତନ ନିର୍ଦ୍ଦେଶକ ଡ. ସୁନୀଲ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଇତିଶ୍ରୀ ରାଉତ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବିଷୁବ ଆସର ଓ କବିତା ପାଠୋତ୍ସବ



**ଚୌଦ୍ୱାର, ୧୯।୪(ସମିସ):** ସାହିତ୍ୟ ଅନୁଷ୍ଠାନ ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ବିଷୁବ ଆସର ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଓଟିଏମ୍ କଲୋନୀସ୍ଥିତ ସଂସଦ କାର୍ଯ୍ୟାଳୟରେ ଆୟୋଜିତ ଉତ୍ସବରେ ଗୀତିକବି ମନୋଜ ପଟ୍ଟନାୟକ, ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତ, ବ୍ୟଙ୍ଗ ସାହିତ୍ୟିକ ରାଧାଶ୍ୟାମ ରାଉଳ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କବି ଅକ୍ଷୟ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୩୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସମ୍ପାଦକ ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଗଠନ ସମ୍ପାଦକ ଚନ୍ଦ୍ର ପ୍ରକାଶ ପଟ୍ଟନାୟକ, ଭାସ୍କର ପ୍ରସାଦ ମହାପାତ୍ର, ପବିତ୍ର ମୋହନ ସାହୁ, କୈଳାସ ଚନ୍ଦ୍ର ସାହାଣୀ, ହେମନ୍ତ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁଗ୍ମ ସମ୍ପାଦିକା ସରିତା ଦାସ ଧନ୍ୟବାଦ ଦେଇଥିଲେ। ଅନୁରୂପ ଭାବେ ଆଗ୍ରାହାଟସ୍ଥିତ ସରସ୍ୱତୀ ସାହିତ୍ୟ ସଂସଦ ତରଫରୁ ଓଡ଼ିଆ ନବବର୍ଷ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ସ୍ୱର୍ଣ୍ଣଲତା ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଆଗ୍ରାହାଟ ବୈଦ୍ୟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାଗବତ ରାଉତ, ଗୌତମ ଆଚାର୍ଯ୍ୟ, ପ୍ରଫୁଲ୍ଲ ସାହୁ, ବୈଦ୍ୟନାଥ ଖିଲାର, ମାନସ ରଞ୍ଜନ ସାମଲ ଓଡ଼ିଆ ଭାଷା ସାହିତ୍ୟର ଇତିହାସ ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ବିଜୟ ପ୍ରତାପ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅକ୍ଷୟ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସୁରେନ୍ଦ୍ରନାଥ ଓଝାଙ୍କ ପ୍ରସ୍ତୁତ ଓଡ଼ିଆ ଦିନଲିପିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶିକ୍ଷାବିତ୍ ରମାନାଥ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ବିଜେପିର ଜିଲ୍ଲାସ୍ତରୀୟ ଆଇଟି ସେଲ୍ କର୍ମଶାଳା




**କଟକ, ୧୯।୪(ସମିସ):** ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇଟି ସେଲ୍ ପକ୍ଷରୁ ଏକ କର୍ମଶାଳା ଯୁବ ନେତା ଅସୀମ୍ ଅମିତାଭ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ କଟକ ଜିଲ୍ଲାର ସମସ୍ତ ମଣ୍ଡଳ ସଭାପତି ତଥା ମଣ୍ଡଳସ୍ତରୀୟ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ବିଜେପି ରାଜ୍ୟ ଆଇଟି ସେଲ୍ ସଂଯୋଜକ ଅଂଶୁମାନ ମହାପାତ୍ର ସାମାଜିକ ଗଣମାଧ୍ୟମର ରାଜନୈତିକ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ କହିଥିଲେ ଯେ ସରକାରଙ୍କ ବିଭିନ୍ନ ଯୋଜନା ଓ ଦଳର ବିଚାରଧାରାକୁ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ହେଉଛି ଆଇଟି ସେଲ୍‌ର ପ୍ରମୁଖ ଲକ୍ଷ୍ୟ। ଏଥିରେ ଜିଲ୍ଲା ଆଇଟି ସେଲ୍‌ର ସଦସ୍ୟ ଶାଶ୍ୱତ ବିଶ୍ୱାଳ, ଶୁଭ୍ରମ ବାରିକ, ବିଶ୍ୱଜିତ୍ ବିଶ୍ୱାଳ, କପିଳ ମହାନ୍ତି, ଅଲେଖ ନାୟକ ଓ ସୂର୍ଯ୍ୟବଂଶୀ ନାୟକ ମୁଖ୍ୟ ଭୂମିକା ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ସ୍ମୃତି ରଞ୍ଜନ ମିଶ୍ର ଓ ପୂର୍ବତନ ଜିଲ୍ଲା ସମ୍ପାଦକ କୀର୍ତ୍ତି ରଞ୍ଜନ ପଟ୍ଟନାୟକଙ୍କ ସହ ଜିଲ୍ଲାର ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ମାନସିକ ବ୍ୟାଧିର କାରଣ ଓ ନିରାକରଣ ସଚେତନତା

**କଟକ, ୧୯।୪(ସମିସ):** ବିଡ଼ାନାସୀସ୍ଥିତ ମମତା ସର୍ଟ ଷ୍ଟେ ହୋମ୍‌ରେ ଆଜି ପୂର୍ବାହ୍ନରେ ବିଭିନ୍ନ ମାନସିକ ବ୍ୟାଧିର କାରଣ ଓ ନିରାକରଣ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସ୍‌ସିବି ମେଡିକାଲ କଲେଜ ମାନସିକ ରୋଗ ବିଭାଗର ସହକାରୀ ଅଧ୍ୟାପିକା ଡାକ୍ତର ଭାଗ୍ୟଶ୍ରୀ ପ୍ରଧାନ ଏଥିରେ ଯୋଗ ଦେଇ ଅନ୍ତେବାସୀମାନଙ୍କୁ ମାନସିକ ଅବସାଦ, କ୍ରୋଧ, ଉଦବେଗ ଓ ନିଃସଙ୍ଗତା କାରଣ ସମ୍ପର୍କରେ ଅବଗତ କରାଇଥିଲେ। ଅନୁଷ୍ଠାନର ତତ୍ତ୍ୱାବଧାରିକା ଚଇତାଳି ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ସାମାଜିକ କର୍ମକର୍ତ୍ତା ଡଃ ସତ୍ୟ ରାୟ ଅତିଥି ରୂପେ ଯୋଗ ଦେଇ ନିୟମିତ ଯୋଗାସନ ଓ ପ୍ରାଣାୟାମ ଅଭ୍ୟାସ ଦ୍ୱାରା ମାନସିକ ସୁଖଶାନ୍ତି ଅନୁଭୂତ ହୋଇପାରିବ ବୋଲି କହିଥିଲେ। ଅନୁଷ୍ଠାନର ଅନ୍ତେବାସୀମାନଙ୍କୁ ବିଭିନ୍ନ ଆଧ୍ୟାତ୍ମିକ ପୁସ୍ତକ ଓ ପତ୍ର ପତ୍ରିକା ପାଠ କରିବା ଲାଗି ସୁଯୋଗ ଦେବାକୁ ସେ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସହକାରୀ ବିଜୟା ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

## ରେଭେନ୍ସା ଶିକ୍ଷକ ସଂଘ ପକ୍ଷରୁ ନୂତନ କୁଳପତିଙ୍କୁ ସମ୍ବର୍ଦ୍ଧନା




**କଟକ, ୧୯।୪(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ (ରୁଟା) ପକ୍ଷରୁ ନବନିଯୁକ୍ତ କୁଳପତି ପ୍ରଫେସର ଅର୍କକୁମାର ଦାସ ମହାପାତ୍ରଙ୍କୁ ସ୍ୱାଗତ ଜଣାଇବା ନିମନ୍ତେ ଏକ ସ୍ୱତନ୍ତ୍ର ଅଭିନନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ସାମଗ୍ରିକ ବିକାଶ ଓ ଶିକ୍ଷାଦାନର ମାନ ବୃଦ୍ଧି କ୍ଷେତ୍ରରେ କୁଳପତିଙ୍କ ମାର୍ଗଦର୍ଶନକୁ ସମ୍ମାନ ଜଣାଇ ଏହି ସମ୍ବର୍ଦ୍ଧନା ପର୍ବ ଆୟୋଜିତ ହୋଇଥିଲା। ସଂଘର ଅଧ୍ୟକ୍ଷା ପ୍ରଫେସର ଊର୍ମିଶ୍ରୀ ବେଦମାତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାକୁ ସଚିବ ଡ. ଶିବ ଶଙ୍କର ସାହୁ ସୂଚାରୁରୂପେ ପରିଚାଳନା କରିଥିଲେ। ଉପାଧ୍ୟକ୍ଷ ଡ. ରାଜାକିଶୋର ପୃଷ୍ଟି କୁଳପତିଙ୍କୁ ସମ୍ମାନିତ କରିଥିଲେ। ଡ. ମଧୁସ୍ମିତା ରାଉତ ଉପସ୍ଥିତ ଅତିଥି ଓ ସଦସ୍ୟମାନଙ୍କୁ ଧନ୍ୟବାଦ ଦେଇଥିଲେ। ନିଜର ଅଭିଭାଷଣ ପ୍ରସଙ୍ଗରେ କୁଳପତି ପ୍ରଫେସର ଦାସ ମହାପାତ୍ର ଏକ ଉନ୍ନତ ଶିକ୍ଷାବ୍ୟବସ୍ଥା ଗଠନ ପାଇଁ ଅନେକ ଗଭୀର ଓ ଦୃଷ୍ଟିପୂର୍ଣ୍ଣ ଚିନ୍ତାଧାରା ବ୍ୟକ୍ତ କରିଥିଲେ। ସେ ଶିକ୍ଷକମାନଙ୍କୁ ଦିଗନିର୍ଦ୍ଦେଶ ଦେବା ସହ ବିଶ୍ୱବିଦ୍ୟାଳୟର ଗାରିମା ବଜାୟ ରଖିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ରହି କୁଳପତିଙ୍କୁ ସ୍ୱାଗତ ଜଣାଇଥିଲେ।

**ଅଦିନିଆ ବର୍ଷା ଓ ରୋଗପୋକ ଉଜାଡ଼ିଲା ରବି ଫସଲ**

## ଜିଲ୍ଲାରେ କମିବ ଡାଲିଜାତୀୟ ଫସଲ ଉତ୍ପାଦନ

କଟକ, ୧୯।୪(ସମିସ)

ଗତ ଖରିଫ ଋତୁରେ ଚାଷୀମାନେ ବେଶ୍ ଭଲ ଧାନ ଉତ୍ପାଦନ କରିଥିବା ବେଳେ ରବି ଫସଲ ଉପରେ କିନ୍ତୁ ଅଦିନିଆ ବର୍ଷା ଓ ରୋଗପୋକ ଦାଉ ସାଧିଛି। ଗତ ୩ବର୍ଷ ଧରି କଟକ ଜିଲ୍ଲାରେ ଏହି ସ୍ଥିତି ଲାଗି ରହିଛି। ଏଥର ରବି ଋତୁରେ ଡାଲି ଜାତୀୟ ଫସଲ ଉତ୍ପାଦନ ୬୦ପ୍ରତିଶତ ହ୍ରାସ ପାଇବ ବୋଲି କୁହାଯାଇଛି। ଠିକ ଅମଳକ୍ଷମ ହେବା ସମୟରେ ଅଦିନିଆ ବର୍ଷା ଯୋଗୁଁ ଡାଲିଜାତୀୟ ଫସଲ ନଷ୍ଟ ହେଉଛି। ଗତ କିଛି ଦିନ ହେବ ଜିଲ୍ଲାର ବିଭିନ୍ନ ସ୍ଥାନରେ ନିୟମିତ ବ୍ୟବଧାନରେ ପଶ୍ଚିମା ଝଡ ପ୍ରଭାବରେ ବର୍ଷା ହେଉଛି। ବିଭିନ୍ନ ସ୍ଥାନରେ ବର୍ଷା କାରଣରୁ ରବି ଫସଲ ନଷ୍ଟ ହେବାର ଆଶଙ୍କା ଉପୁଜିଛି। ଏଥର ଡାଲି ଜାତୀୟ ଫସଲ ପାଇଁ ବର୍ଷା ଆବଶ୍ୟକ ଥିବା ସମୟରେ ବର୍ଷା ହୋଇନଥିଲା। ଏଣୁ ପରବର୍ତ୍ତୀ ସମୟରେ ବର୍ଷା ହେବା କାରଣରୁ ଡାଲି ଜାତୀୟ ଫସଲକୁ ରୋଗପୋକ ଆକ୍ରମଣ କରିଥିଲା।ମୁଗ, ବିରି କୋଳଥ ଆଦି ଡାଲିଜାତୀୟ ଫସଲକୁ ଜଉଆ ପୋକ କ୍ଷତିଗ୍ରସ୍ତ କରିଥିଲା। ସୂଚନାନୁସାରେ ୩ବର୍ଷ ଧରି ଚାଷୀମାନେ ଭଲ ରବି ଫସଲ ଅମଳ କରିପାରିନାହାଁନ୍ତି। ଏଥିପାଇଁ ଚାଷୀ ମାନେ ନିରାଶ ହୋଇପଡୁଥିବା ବେଳେ ଚାଷ ପରିସର କମିକମି ଚାଲିଛି। ଏଥର ଫସଲ କ୍ଷତିଗ୍ରସ୍ତ ହେବା ଫଳରେ ଆଗାମୀ ବର୍ଷ ରବି ଋତୁରେ ବି ଜିଲ୍ଲାର ଡାଲି ଜାତୀୟ ଚାଷ ପରିସର କମିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଜିଲ୍ଲା କୃଷି କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ଜିଲ୍ଲାରେ ଡାଲି ଜାତୀୟ ଫସଲ ପ୍ରତିବର୍ଷ ଯେତିକି ଜମିରେ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହେଉଛି ତାହା ସମ୍ଭବ ହୋଇପାରୁନାହିଁ। ସୂଚନାନୁସାରେ ଜିଲ୍ଲାରେ ୩୫୯୮୨ହେକ୍ଟରରେ ମୁଗ ଓ ୩୭ହଜାର୯୭ହେକ୍ଟରରେ ବିରି ଚାଷ କରାଯାଉଥିବା ବେଳେ ପ୍ରାୟ ୫ହଜାର ହେକ୍ଟରରୁ ଅଧିକ ଜମି ପଡ଼ିଆ ପଡ଼ି ଆସୁଥିବା ଜଣାପଡ଼ିଛି। ବିଶେଷକରି ଗତବର୍ଷ ଅଦିନିଆ ବର୍ଷାରେ ଚାଷୀଙ୍କ ବିପୁଳ ଫସଲ ନଷ୍ଟ ହୋଇଥିଲା। ଚାଷୀଙ୍କ କହିବାନୁସାରେ ମୁଗ ବିରି ଆଦି ଫସଲ ଅମଳ କରିବା ପାଇଁ କୃଷି ଶ୍ରମିକଙ୍କ ଅଭାବ ପରିଲକ୍ଷିତ ହେଉଛି। ଏଥିଲାଗି ମଧ୍ୟ ଠିକ ସମୟରେ ଅମଳ ହୋଇନପାରି ଚାଷନଷ୍ଟ ହୋଇଥିବାର ଜଣାପଡ଼ିଛି। ସେହିପରି କୋଳଥ ଚାଷ ରବି ଋତୁରେ ପ୍ରାୟ ୮ହଜାର ହେକ୍ଟର ଜମିରେ କରାଯାଇଆସୁଛି। ଏଭଳି ସ୍ଥିତି ପାଇଁ ରବି ଋତୁରେ ଡାଲି ଜାତୀୟ ଫସଲ ଚାଷରୁ ଚାଷୀମାନେ ମୁହଁ ଫେରାଉଥିବା ଜଣାପଡ଼ିଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୨.୯୩ • ପାଉଣ୍ଡ ୧୨୫.୬୧
- ୟୁରୋ ୧୦୯.୪୪ • ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୨,୮୦୦ (ଭୁବନେଶ୍ୱର)
- ରୁପା : ୨,୮୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୮,୪୯୩.୦୦
- ନିଫ୍ଟି ୨୪,୩୫୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ**

# ଏସି, ଟିଭିଠୁ ସ୍ମାର୍ଟଫୋନ୍; ସବୁ ହେବ ମହଙ୍ଗା

ନୂଆଦିଲ୍ଲୀ,୧୯।୪(ଏଜେନ୍ସି): ଥମୁନି ମଧ ପ୍ରାଚ୍ୟ ଅସ୍ଥିରତା। ଯୁଦ୍ଧ ଘନଘଟାର ପ୍ରଭାବ କେବଳ ତେଲ କିମ୍ବା ରନ୍ଧନ ଗ୍ୟାସ୍ ନୁହେଁ, ଏହା ଏବେ ଦୈନନ୍ଦୀନ ପରିବାର ପରିଚାଳନାରେ ଦେଖିବାକୁ ମିଳିଲାଣି। ଆଗକୁ ଦେଶରେ ଏସି, ଟିଭି, ରେଫ୍ରିଜରେଟର, ଲାପ୍‌ଟପ୍ ଏବଂ ସ୍ମାର୍ଟଫୋନ୍ସ ସବୁ ମହଙ୍ଗା ହେବାକୁ ଯାଉଛି। ଯଦି ଏହା ହୁଏ ତେବେ କମ୍ପାନୀଗୁଡିକ ବିଗତ ୪ ମାସ ମଧ୍ୟରେ ତୃତୀୟ ଥର ପାଇଁ ସାମଗ୍ରୀ ମୂଲ୍ୟ ବଢ଼ାଇବେ।

ମୂଲ୍ୟ ବୃଦ୍ଧି ଏପ୍ରିଲ ମାସ ଶେଷ ସୁଦ୍ଧା ଲାଗୁ ହେବ। ଏହା ହେଲେ ବଜାରରେ ଏୟାର କଣ୍ଡିସନର (ଏସି), ରେଫ୍ରିଜରେଟର, ୱାଶିଂମେସିନ୍, ଟିଭି, ସ୍ମାର୍ଟଫୋନ୍ ଏବଂ ଲାପଟପ୍ ଭଳି ଇଲେକ୍ଟ୍ରୋନିକ୍ ଜିନିଷର ମୂଲ୍ୟ ପୁଣି ଥରେ ବଢ଼ିଯାଇପାରେ। ଏହା ଗତ ୪ ମାସରେ ତୃତୀୟଥର ପାଇଁ ମୂଲ୍ୟ ବୃଦ୍ଧି ହେବ। ଶିଳ୍ପ ବିଶେଷଜ୍ଞଙ୍କ ଅନୁଯାୟୀ, ଅଶୋଧିତ ତୈଳ ସମ୍ବନ୍ଧୀୟ କଞ୍ଚାମାଲ ମୂଲ୍ୟରେ ବୃଦ୍ଧି, ମେମୋରୀ ଚିପ୍ ମୂଲ୍ୟ ବୃଦ୍ଧି ଏବଂ ଦୁର୍ବଳ ଟଙ୍କା ମୂଲ୍ୟ ଯୋଗୁଁ କମ୍ପାନୀଗୁଡ଼ିକର ମୂଲ୍ୟ ନିରନ୍ତର ବୃଦ୍ଧି ପାଉଛି। କମ୍ପାନୀଗୁଡ଼ିକ ଏହି ବୃଦ୍ଧି ଗ୍ରାହକଙ୍କ ଉପରେ ପକାଇବାକୁ ପ୍ରସ୍ତୁତ ହେଉଛନ୍ତି। ଖୁଚୁରା ବିକ୍ରେତା ଏବଂ ନିର୍ମାତାଙ୍କ ଆକଳନ ଅନୁଯାୟୀ, ବିଭିନ୍ନ ବର୍ଗରେ ନିମ୍ନଲିଖିତ ମୂଲ୍ୟ ବୃଦ୍ଧି ଆଶଙ୍କା କରାଯାଉଛି। ଏହି ଅନୁଯାୟୀ, ସ୍ମାର୍ଟଫୋନ୍ ମୂଲ୍ୟରେ ୧୦% ରୁ ୧୫% ବୃଦ୍ଧି ହେବାକୁ ଥିବାବେଳେ ଲାପଟପ୍ ୮% ରୁ ୧୦% ପର୍ଯ୍ୟନ୍ତ ମହଙ୍ଗା ହୋଇପାରେ। ସେହିପରି ଏସି, ଟିଭି, ରେଫ୍ରିଜରେଟର, ୱାସିଂମେସିନ୍ ମୂଲ୍ୟ ୫% ରୁ ୭% ବୃଦ୍ଧି ଘଟିବାର ସମ୍ଭାବନା ରହିଛି। ମଧ୍ୟପ୍ରାଚ୍ୟ ଉତ୍ତେଜନାରେ ଯୋଗାଣ ସମସ୍ୟା ଯୋଗୁ ପ୍ଲାଷ୍ଟିକ୍ ଏବଂ ଅନ୍ୟାନ୍ୟ ଉତ୍ପାଦନ ଖର୍ଚ୍ଚ ଚାପରେ ରହିଛି। ଯଦି ଗ୍ରୀଷ୍ମ ଋତୁରେ ଚାହିଦା ଆହୁରି ବୃଦ୍ଧି ପାଏ, ତେବେ ଆସନ୍ତା ସପ୍ତାହରେ ଦର ପୁଣି ବଢ଼ିପାରେ। ଏହି ମୂଲ୍ୟ



ବୃଦ୍ଧିର ୪ ମୁଖ୍ୟ କାରଣ ହେଉଛି, କଞ୍ଚାମାଲ ମୂଲ୍ୟରେ ବୃଦ୍ଧି, ମେମୋରୀ ଚିପ୍ ଅଭାବ, ଟଙ୍କା ମୂଲ୍ୟ ଦୁର୍ବଳ ହେବା ଏବଂ ଲଜିଷ୍ଟିକ୍ସ ଏବଂ ମାଲ ପରିବହନ।

ଏଥିରେ ପ୍ଲାଷ୍ଟିକ୍ ଭଳି କଞ୍ଚାମାଲ, ଯାହା ଅଶୋଧିତ ତେଲରୁ ତିଆରି ହୁଏ ତାହାର ମୂଲ୍ୟ ବର୍ତ୍ତମାନ ଉଚ୍ଚରେ ରହିଛି। ପାମୋଲିନ୍ ତେଲ ଏବଂ ସାବୁନ ଏବଂ ଡିଟରଜେଣ୍ଟରେ ବ୍ୟବହୃତ ଅନ୍ୟାନ୍ୟ ରାସାୟନିକ ପଦାର୍ଥର ମୂଲ୍ୟ ମଧ ବୃଦ୍ଧି ପାଇଛି। ଏହାଛଡା ସ୍ମାର୍ଟଫୋନ୍ ଏବଂ ଲାପଟପରେ ବ୍ୟବହୃତ ମେମୋରୀ ଚିପ୍ସର ଅଭାବ ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆପ୍ସର ବର୍ଦ୍ଧିତ ଚାହିଦା ଯୋଗୁଁ ଚିପ୍ ମୂଲ୍ୟ ଆକାଶଛୁଆଁ ହେଉଛି। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଟଙ୍କା ବହୁତ ଦୁର୍ବଳ ହୋଇଛି, ଯାହା ଆମଦାନୀ କରାଯାଇଥିବା ଉପାଦାନଗୁଡ଼ିକୁ ଅଧିକ ମହଙ୍ଗା କରିଛି। ଭୌଗୋଳିକ ରାଜନୈତିକ ଉତ୍ତେଜନା ଯୋଗୁଁ ମାଲ ପରିବହନ ଖର୍ଚ୍ଚ ବୃଦ୍ଧି ପାଇଛି, ଯାହା ଯୋଗାଣ ଶୃଙ୍ଖଳାକୁ ପ୍ରଭାବିତ କରୁଛି। ଏହି ସମୟରେ ହାୟର ଇଣ୍ଡିଆ ସୂଚିତ କରିଛି ଯେ ଏପ୍ରିଲ ୨୧ରୁ ସମସ୍ତ ଉତ୍ପାଦ ବର୍ଗରେ ମୂଲ୍ୟ ୪% ରୁ ୭% ବୃଦ୍ଧି ପାଇବ। ସାବୁନ ଏବଂ ଡିଟରଜେଣ୍ଟ ନିର୍ମାତାମାନେ ମଧ ମୂଲ୍ୟ ବୃଦ୍ଧି କରୁଛନ୍ତି। କେତେକ ମୂଲ୍ୟ ବୃଦ୍ଧି କରିବା ପରିବର୍ତ୍ତେ ପ୍ୟାକେଜ୍ ଆକାର ହ୍ରାସ କରୁଛନ୍ତି।

**ସ୍ମାର୍ଟଫୋନ୍ ୧୫% ଏବଂ ଲାପଟପ୍ ୧୦% ପର୍ଯ୍ୟନ୍ତ ମହଙ୍ଗା ହୋଇପାରେ**

**୪ ମାସରେ ତୃତୀୟ ଥର ପାଇଁ ମୂଲ୍ୟ ବଢ଼ାଇଲେ କମ୍ପାନୀ**

**ବିଶ୍ୱ ଅର୍ଥନୀତିରେ ପଶ୍ଚିମ ଏସିଆ ଯୁଦ୍ଧର ପ୍ରଭାବ**

# ଫେରିବ ୭୦ ଦଶକର 'ଷ୍ଟାଗ୍‌ଫ୍ଲାସନ୍'!

ନୂଆଦିଲ୍ଲୀ/ୱାଶିଂଟନ, ୧୯।୪ (ଏଜେନ୍ସି): ପଶ୍ଚିମ ଏସିଆରେ ସାତ ସପ୍ତାହ ଧରି ଚାଲିଥିବା ସଂଘର୍ଷର ପ୍ରଭାବ ଦିନକୁ ଦିନ ବିଶ୍ୱ ଅର୍ଥନୀତିକୁ କବଳିତ କରିବାରେ ଲାଗିଛି। ଆଗାମୀ ସପ୍ତାହରେ ବିଭିନ୍ନ ଦେଶର ଓ ଆର୍ଥିକ ସୂଚକାଙ୍କ ତଥ୍ୟ ପ୍ରକାଶ ପାଇବା ପୂର୍ବରୁ 'ବ୍ଲୁମ୍‌ବର୍ଗ' ପକ୍ଷରୁ ପ୍ରକାଶିତ ରିପୋର୍ଟ ବିଭିନ୍ନ ଦେଶ ପାଇଁ ଚେତାବନୀ ପରି ହୋଇଛି। ପଶ୍ଚିମ ଏସିଆରେ ଯୁଦ୍ଧାବସ୍ଥା ୭୦ ଦଶକରେ ବିଶ୍ୱରେ ସୃଷ୍ଟି କରିଥିବା 'ଷ୍ଟାଗ୍‌ଫ୍ଲାସନ୍' ପରି ସ୍ଥିତି ସୃଷ୍ଟି କରିପାରେ ବୋଲି ବ୍ଲୁମବର୍ଗ ଆଶଙ୍କା ପ୍ରକଟ କରିଛି। ଫେବୃଆରୀ ଶେଷରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ସମୟରେ ବିଶ୍ୱର ସ୍ଥିତି ଥିଲା ଭିନ୍ନ। ମାତ୍ର ଯୁଦ୍ଧ ଅବଧି ବୃଦ୍ଧି ସାରା ବିଶ୍ୱକୁ ଏକ ଜଟିଳ ପରିସ୍ଥିତିକୁ ଠେଲି ଦେଇଛି।





୭୦ ଦଶକରେ ବିଶ୍ୱରେ ତୈଳ ସଙ୍କଟ ସମୟରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଥିଲା, ଏବେ ପୁଣି ତାହାର ପୁନରାବୃତ୍ତି ହୋଇପାରେ ବୋଲି ଅର୍ଥଶାସ୍ତ୍ରୀମାନେ ଆକଳନ କରୁଥିବା ସମୟରେ ବ୍ଲୁମବର୍ଗ ମଧ ଅନୁରୂପ ଅନୁମାନ କରିଛି। ରିପୋର୍ଟ ଅନୁସାରେ ଜର୍ମାନୀ, ଫ୍ରାନ୍ସ, ଓ ବ୍ରିଟେନର ବାଣିଜ୍ୟିକ କାରବାର ହ୍ରାସ ପାଇବ ଓ ଆମେରିକାର ସ୍ଥିତି ପ୍ରାୟ ସ୍ଥିର ରହିବ। ମାତ୍ର ଏସୀୟ ଦେଶଗୁଡ଼ିକ ଏହାଦ୍ୱାରା ବିଶେଷ ପ୍ରଭାବିତ ହେବେ। ତେବେ ଭାରତ ପରି ବିଶାଳ ଜନସଂଖ୍ୟା ସମୃଦ୍ଧ ଦେଶ ଉପରେ ଏହା ଗୁରୁତର ପ୍ରଭାବ ପକାଇପାରେ ଓ ସୂଚକାଙ୍କ ହ୍ରାସ ହୋଇପାରେ।

ଆନ୍ତର୍ଜାତୀୟ ମୁଦ୍ରା କୋଷ (ଆଇଏମ୍‌ଏଫ୍) ମଧ ବିଶ୍ୱ ଅର୍ଥନୀତି ଉପରେ ବଢୁଥିବା ଚାପକୁ ନେଇ ବିଭିନ୍ନ ଦେଶକୁ ସତର୍କ କରାଇଛି। ଆଇଏଏଫ୍ ମୁଖ୍ୟ କ୍ରିଷ୍ଟାଲିନା ଜର୍ଜିଏଭା କହିଛନ୍ତି ଯେ ଯୁଦ୍ଧ ତୁରନ୍ତ ଶେଷ ହେଲେ ମଧ ଆର୍ଥନୀତିକ ସୁଧାର ପାଇଁ ଅନେକ ସମୟ ଲାଗିପାରେ। ଏଥିପାଇଁ ବିଭିନ୍ନ ଦେଶଗୁଡ଼ିକ ପ୍ରସ୍ତୁତ ରହିବା ଆବଶ୍ୟକ। ଯୁଦ୍ଧ ପରିସ୍ଥିତି ଯୋଗୁ ଇନ୍ଧନ ଓ ପେଟ୍ରୋଲିୟମ ସାମଗ୍ରୀଗୁଡ଼ିକର ମୂଲ୍ୟ ବୃଦ୍ଧି କରିଛି। ଯାହା ଅନେକ ଦେଶରେ ମୁଦ୍ରାସ୍ଫୀତି ଓ ମୂଲ୍ୟବୃଦ୍ଧି ପରିସ୍ଥିତି ସୃଷ୍ଟି କରିପାରେ। ସ୍ଥିତି ମୁକାବିଲା ପାଇଁ ଚୀନ ସୁଧହାର ସ୍ଥିର ରଖିପାରେ। ଚଳିତ ସପ୍ତାହରେ ଭାରତ, ଜାପାନ, ଅଷ୍ଟ୍ରେଲିଆର ସୁଧହାର ବୃଦ୍ଧି ସଂକ୍ରାନ୍ତ ନିଷ୍ପତ୍ତି ଆସିବ। ଯାହା ଦେଶର ବ୍ୟବସାୟିକ କାର୍ଯ୍ୟକଳାପ ସମ୍ପର୍କରେ ସ୍ପଷ୍ଟ ଚିତ୍ର ଦେବ। ତେବେ ବିକାଶଶୀଳ ଦେଶଗୁଡ଼ିକର ଅଭିବୃଦ୍ଧି ଉପରେ ଯୁଦ୍ଧ ଚାପ ସୃଷ୍ଟି କରିବା ଆପାତତଃ ସ୍ପଷ୍ଟ ଓ ଏହାକୁ ମୁକାବିଲା କରିବା ବିଶେଷଜ୍ଞମାନଙ୍କ ପାଇଁ କାଠିକର ପାଠ ହେବ। ତେଣୁ ଭାରତୀୟ ନୀତିନିର୍ମାତାମାନଙ୍କ ପାଇଁ ଏହା ଏକ ଆହ୍ୱାନଭରା ସମୟ ବୋଲି ଆନ୍ତର୍ଜାତୀୟ ଅର୍ଥଶାସ୍ତ୍ରୀମାନେ ମତ ଦେଇଛନ୍ତି।

୧୯୭୦ ଦଶକରେ ବୈଶ୍ୱିକସ୍ତରରେ ତୈଳ ସଙ୍କଟ ପରେ ଆମେରିକା ସହିତ ଅନେକ ଉନ୍ନତ ଦେଶ ଏହି ଅର୍ଥନୈତିକ ସଙ୍କଟକୁ ମୁହାଁ ଦେଇଥିଲେ। ସେତେବେଳେ ଷ୍ଟାଗଫ୍ଲେସନ ଶବ୍ଦଟିର ଉଦ୍‌ଭବ ହୋଇଥିଲା। ଦେଶଗୁଡ଼ିକର ଅର୍ଥନୈତିକ ବିକାଶରେ ମନ୍ଥରତା, ବେରୋଜଗାରୀ ବୃଦ୍ଧି, ଦରବୃଦ୍ଧି ଆଦିକୁ ଷ୍ଟାଗଫ୍ଲେସନ ବୋଲି କୁହାଯାଇଥାଏ ଓ ଏହା ଅର୍ଥନୀତି ପାଇଁ ଏକ ଆହ୍ୱାନପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଥାଏ। ସଧାରଣତଃ ଦରବୃଦ୍ଧି ହେଲେ ବେକାରୀ ହ୍ରାସ ପାଏ ବୋଲି ଏକ ଧାରଣା ସର୍ବତ୍ର ରହିଛି, ମାତ୍ର ଷ୍ଟାଗଫ୍ଲେସନରେ ବେକାରୀ ଓ ଦରବୃଦ୍ଧି ଏକ ସମୟରେ ବୃଦ୍ଧି ପାଇଥାଏ ଏବଂ ଏହା ସରକାର ଓ ବ୍ୟାଙ୍କଗୁଡ଼ିକ ପାଇଁ ସମସ୍ୟା ସୃଷ୍ଟି କରେ। ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଆୟ ଓ ନିଯୁକ୍ତି ସଙ୍କୋଚନ ବିଭିନ୍ନ ଦେଶର ଅର୍ଥନୀତି ପାଇଁ ଆହ୍ୱାନପୂର୍ଣ୍ଣ ହୋଇଥାଏ।

# କିସ୍‌ନା ଡାଏମଣ୍ଡ ଏବଂ ସୁନା ଗହଣାର କଟକରେ ନୂତନ ସ୍ୱତନ୍ତ୍ର ଶୋ'ରୁମ୍






କଟକ, ୧୯।୪ (ସମିସ): କିସ୍‌ନା ଡାଏମଣ୍ଡ ଏବଂ ସୁନା ଗହଣା ପକ୍ଷରୁ ଓଡିଶାରେ ଏହାର ୫ମ ଶୋ'ରୁମ୍‌ର ଶୁଭାରମ୍ଭ କରାଯାଇଛି। ଏହି ନୂତନ ଶୋ'ରୁମ୍ କଟକ ସିଡିଏ ସେକ୍ଟର–୬ସ୍ଥିତ ପ୍ଲଟ୍ ନଂ ବି-୧୩୯୩ରେ ଅବସ୍ଥିତ। ଏହି ହରି କ୍ରିଷ୍ଣା ଗ୍ରୁପ୍‌ର ପ୍ରତିଷ୍ଠାତା ଏବଂ ଏମଡ଼ି ଘନଶ୍ୟାମ ଢୋଲକିଆ ଉପସ୍ଥିତ ରହି କହିଲେ ଯେ ଅଫର ଆରମ୍ଭ କରାଯାଇଛି, ଯେଉଁଥିରେ ହୀରା ଅଳଙ୍କାର ଉପରେ ୫% ଅତିରିକ୍ତ ରିଆତି ଅନ୍ତର୍ଭୁକ୍ତ। ବର୍ତ୍ତମାନ ଜାରି ରହିଥିବା ପାର୍ବଣ ଋତୁର ଅଂଶ ଭାବେ କିସ୍‌ନା 'ଅକ୍ଷୟ ହାପିନେସ୍ କ୍ୟାମ୍ପେନ' ଅଧିନରେ 'ଦ ବିଗେଷ୍ଟ ଫେଷ୍ଟିଭ ଅଫର'ଘୋଷଣା କରାଯାଇଛି। କିସ୍‌ନା ପକ୍ଷରୁ ହୀରା ଅଳଙ୍କାରର ମେକିଂ ଚାର୍ଜ ଉପରେ ଫ୍ଲାଟ ୪୦% ରିଆତି ଓ ସୁନା ଅଳଙ୍କାରର ମେକିଂ ଚାର୍ଜ ଉପରେ ୩୦%ର ରିଆତି ପ୍ରଦାନ କରାଯାଉଛି। ଉପଭୋକ୍ତାମାନେ ହୀରା ଓ ସୁନା ଅଳଙ୍କାରର ନିର୍ଦ୍ଦିଷ୍ଟ କ୍ରୟ ଉପରେ ୧୦ ଗ୍ରାମ ଓ ୨୦ ଗ୍ରାମର ସିଲଭର କଏନ ମାଗଣାରେ ପାଇପାରିବେ ଏବଂ ପୁରୁଣା ସୁନା ଉପରେ ୧୦୦% ଏକ୍ସଚେଞ୍ଜ ମୂଲ୍ୟ ପାଇପାରିବେ। କିସ୍‌ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲାରୀର ସିଇଓ ପରାଗ ଶାହ କହିଛନ୍ତି, କଟକରେ ଆମର ଶୋ'ରୁମଗୁଡିକରେ ଏକ ସହଜ ଓ ନିୟୋଜିତ ସପିଂ ଅନୁଭୂତି ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି, ଯାହା ଆକର୍ଷଣୀୟ ଫେଷ୍ଟିଭ ଅଫର ଏବଂ ହୀରା ଓ ସୁନା ଅଳଙ୍କାର କଲେକ୍ସନର ଏକ ବିସ୍ତୃତ ଶୃଙ୍ଖଳା ଦ୍ୱାରା ସମର୍ଥିତ। ସେହିପରି ଏକ୍ସକ୍ଲୁସିଭ ବ୍ରାଣ୍ଡ ଆଉଟଲେଟ ପାର୍ଟନର ସତ୍ୟସ୍ୱରୂପ ବେହେରା କହିଛନ୍ତି, ଆମେ କଟକରେ ଆମର ଶୋ'ରୁମର ଶୁଭାରମ୍ଭ ପାଇଁ କିସ୍‌ନା ସହ ସହଭାଗିତା କରି ଆନନ୍ଦିତ। କିସ୍‌ନାର ବିଶ୍ୱାସ, ଅଭିନବ ଡିଜାଇନ ଓ ଗ୍ରାହକ-କେନ୍ଦ୍ରିତ ଆଭିମୁଖ୍ୟର ମଜବୁତ ବିରାସତ ସହିତ ଆମେ ନିଶ୍ଚିତ ଯେ, ଏହି ବ୍ରାଣ୍ଡ ଓଡିଶାର ଗ୍ରାହକଙ୍କ ସହ ଉତ୍ତମ ଭାବେ ପ୍ରତିଧ୍ୱନିତ୍ୱ କରିପାରିବ। ଏଥିରେ ଅନ୍ୟତମ ଅତିଥି ଭାବେ ବାରବାଟି କଟକ ବିଧାୟିକା ଶୋଫିଆ ଫିରଦୋଷ ଯୋଗ ଦେଇଥିଲେ।

# ଅଶ୍ୱଗନ୍ଧା ପତ୍ର ବ୍ୟବହାର ଉପରେ ଏଫ୍‌ଏସ୍‌ଏସ୍‌ଏଆଇର କଟକଣା

**ମୂଳ ଉପଯୋଗ ଉପରେ ପ୍ରତିବନ୍ଧକ ନାହିଁ**

ନୂଆଦିଲ୍ଲୀ, ୧୯।୪ (ଏଜେନ୍ସି): ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ) ଅଶ୍ୱଗନ୍ଧା ପତ୍ର ବ୍ୟବହାର ନିଷେଧ କରିଛି। କିନ୍ତୁ ଏଫ୍‌ଏସ୍‌ଏସ୍‌ଏଆଇ ଅଶ୍ୱଗନ୍ଧାର ମୂଳ ବ୍ୟବହାର ଉପରେ କୌଣସି ପ୍ରତିବନ୍ଧକ ଲଗାଇନାହିଁ। ଅଶ୍ୱଗନ୍ଧା ମୂଳକୁ ଏବେ ବି ସ୍ୱାସ୍ଥ୍ୟ ସପ୍ଲିମେଣ୍ଟରେ ବ୍ୟବହାର କରାଯାଇପାରିବ। ତଥାପି ପତ୍ର ବ୍ୟବହାର କରୁଥିବା କିମ୍ବା ବ୍ୟବହାର କରିବାକୁ ଯୋଜନା କରୁଥିବା କମ୍ପାନୀଗୁଡ଼ିକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇପାରନ୍ତି ବୋଲି ସଂଗଠନ କହିଛି।





ସପ୍ଲିମେଣ୍ଟରେ ଅଶ୍ୱଗନ୍ଧା ବ୍ୟବହାର କରୁଥିବା ସ୍ୱାସ୍ଥ୍ୟ ବର୍ଦ୍ଧକ ଉତ୍ପାଦ ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ସେମାନଙ୍କର ଉତ୍ପାଦଗୁଡ଼ିକୁ ଲେବଲ୍ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି, ଯେଉଁଥିରେ ନିର୍ମାତା ସୂଚିତ କରିବେ ଯେ ସେମାନେ ଅଶ୍ୱଗନ୍ଧା ଗଛର କେଉଁ ଅଂଶ ବ୍ୟବହାର କରନ୍ତି। କମ୍ପାନୀ ଉତ୍ପାଦରେ ଅଶ୍ୱଗନ୍ଧା ମୂଳ ବ୍ୟବହାର କରିଛି କି ନାହିଁ ତାହା ସ୍ପଷ୍ଟ ଭାବରେ କହିବା ଉଚିତ। ଆୟୁଷ ମନ୍ତ୍ରଣାଳୟ ପୂର୍ବରୁ ଏହି ପ୍ରସଙ୍ଗ ଉଠାଇଛି, କହିଛି ଯେ ସପ୍ଲିମେଣ୍ଟରେ ଅଶ୍ୱଗନ୍ଧା ପତ୍ର ବ୍ୟବହାର କରିବାର ଅନେକ ସମସ୍ୟା ରହିଛି। ଅଧ୍ୟୟନରୁ ଜଣାପଡିଛି ଯେ ଅଶ୍ୱଗନ୍ଧା ପତ୍ରରେ ଉଚ୍ଚ ପରିମାଣର ପ୍ରତିକ୍ରିୟାଶୀଳ ୱିଥାନୋଲାଇଡ୍ସ ରହିଛି, ଯାହାକୁ କମ୍ପାନୀଗୁଡ଼ିକ କମ୍ ମୂଲ୍ୟରେ ଔଷଧ ଉତ୍ପାଦନ କରିବା ପାଇଁ ବ୍ୟବହାର କରିଥାନ୍ତି। କାରଣ ଅଶ୍ୱଗନ୍ଧା ମୂଳ ମହଙ୍ଗା, ଯେତେବେଳେ କି ପତ୍ର ସହଜରେ ଉପଲବ୍ଧ। କିନ୍ତୁ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଏହି ଆୟୁର୍ବେଦିକ ସପ୍ଲିମେଣ୍ଟ ବ୍ୟବହାର କରୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ଭାବରେ ପ୍ରତିଫଳିତ ହୁଏ। ଚରକ ସଂହିତା ଏବଂ ସୁଶ୍ରୁତ ସଂହିତାରେ ମଧ କେବଳ ଅଶ୍ୱଗନ୍ଧା ମୂଳ ବ୍ୟବହାର କରିବାକୁ ସୁପାରିଶ କରନ୍ତାଯାଇଛି। ୨୦୨୧ ମସିହାରେ, ଆୟୁଷ ମନ୍ତ୍ରଣାଳୟ ଏ ସମ୍ପର୍କରେ ଏକ ପରାମର୍ଶପତ୍ର ଜାରି କରିଥିଲା। ଏବେ, ଭାରତ ସରକାର ସମସ୍ତ ରାଜ୍ୟଗୁଡିକୁ ସ୍ୱାସ୍ଥ୍ୟ ଉତ୍ପାଦରେ ଅଶ୍ୱଗନ୍ଧା ପତ୍ର ଏବଂ ଏହାର ନିର୍ଗମ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି କରୁଥିବା କମ୍ପାନୀଗୁଡ଼ିକ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ନିଷେଧାଦେଶ କେବଳ ପତ୍ର ଏବଂ ଏହାର ନିର୍ଗମରୁ ପ୍ରସ୍ତୁତ ସ୍ୱାସ୍ଥ୍ୟ ପରିପୂରକ ଉତ୍ପାଦନ ପାଇଁ ପ୍ରଯୁଜ୍ୟ।

**ମିଳିପାରେ ଶତ ପ୍ରତିଶତ ଏଫ୍‌ଡିଆଇକୁ ମିଳିପାରେ ମଞ୍ଜୁରୀ**

# ପେନସନ ନିୟମରେ ହେବ ବଡ଼ ପରିବର୍ତ୍ତନ

ନୂଆଦିଲ୍ଲୀ,୧୯।୪(ଏଜେନ୍ସି): କେନ୍ଦ୍ର ସରକାର ପେନସନ କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ) ସୀମାକୁ ୧୦୦% ବୃଦ୍ଧି କରିବା ବିଷୟରେ ବିଚାର କରୁଛନ୍ତି। ସୂତ୍ର ଅନୁଯାୟୀ, ଆଗାମୀ ମୌସୁମୀ କିମ୍ବା ଶୀତକାଳୀନ ଅଧିବେଶନରେ ସଂସଦରେ ଏହି ସମ୍ପର୍କରେ ଏକ ସଂଶୋଧନ ବିଲ୍ ଆଗତ କରାଯାଇପାରେ। ଏହି ପଦକ୍ଷେପ ବୀମା କ୍ଷେତ୍ର ସହିତ ସମାନ ହେବ, ଯେଉଁଠାରେ ୧୦୦% ଏଫ୍‌ଡିଆଇ ପୂର୍ବରୁ ଅନୁମତି ଦିଆଯାଇଛି। ପେନସନ କ୍ଷେତ୍ରରେ ଶତ ପ୍ରତିଶତ ଏଫ୍‌ଡିଆଇ ଅନୁମତି ଦେବା ଦ୍ୱାରା ବିଦେଶୀ କମ୍ପାନୀଗୁଡ଼ିକ ଦ୍ୱାରା ନିବେଶ ବୃଦ୍ଧି ପାଇବ, ଯାହା ପେନସନ ଉତ୍ପାଦରେ ପ୍ରତିଯୋଗିତା ବୃଦ୍ଧି କରିବା ସହ ଉତ୍ତମ ରିଟର୍ଣ୍ଣ ବିକଳ୍ପ ପ୍ରଦାନ କରିପାରିବ।


# ଭାରତ ସାମୁଦ୍ରିକ ବୀମା ପୁଲ୍ ଗଠନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରି

ନୂଆଦିଲ୍ଲୀ,୧୯।୪(ଏଜେନ୍ସି): ଏକ ନିରନ୍ତର ସାମୁଦ୍ରିକ ବୀମା ସୁରକ୍ଷା ଯୋଗାଇଦେବା ଲାଗି ଗଠନ ହେବ ଭାରତ ମେରିଟାଇମ୍ ଇନ୍‌ସ୍ୟୁରାନ୍ସ ବୀମା (ବିଏମଆଇ) ପୁଲ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଆଜି ଏକ ସ୍ୱଦେଶୀ ବୀମା ପୁଲ ସୃଷ୍ଟି ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହି ବୀମା ପାଣ୍ଠି ଲାଗି ୧୨,୯୮୦ କୋଟି ଟଙ୍କାର ସାର୍ବଭୌମ ଗ୍ୟାରେଣ୍ଟି ରଖାଯାଇଛି। ଏହା ନିରନ୍ତର ସାମୁଦ୍ରିକ ବୀମା ସୁରକ୍ଷାକୁ ସୁଗମ କରିବ। ଯେକୌଣସି ଅନ୍ତର୍ଜାତୀୟ ଉତ୍ସରୁ ଭାରତୀୟ ବନ୍ଦର ପର୍ଯ୍ୟନ୍ତ କିମ୍ବା ଏହାର ବିପରୀତ ମାର୍ଗରେ ମାଲ୍ ନେଇ ଯାଉଥିବା ଜାହାଜଗୁଡ଼ିକୁ ସୁଲଭ ବୀମା ଯୋଗାଣ ପାଇଁ ଏହା ଭାରତୀୟ ବ୍ୟବସାୟଗୁଡ଼ିକୁ ସହାୟକ ହେବ। ଅସ୍ଥିର ସାମୁଦ୍ରିକ ମାର୍ଗ ଦେଇ ଅତିକ୍ରମ କରୁଥିବା ଜାହାଜଗୁଡ଼ିକୁ ମଧ ବୀମା ସୁବିଧା ମିଳିବ। ବର୍ଦ୍ଧିତ ବିଶ୍ୱସ୍ତରୀୟ ଭୂ-ରାଜନୈତିକ ଅସ୍ଥିରତା ଯୋଗୁଁ ସାମୁଦ୍ରିକ ବାଣିଜ୍ୟ ବାଧାପ୍ରାପ୍ତ ହୋଇଛି, ଯାହା ଫଳରେ ମାଲ୍ ଏବଂ ଜାହାଜଗୁଡ଼ିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ବୃଦ୍ଧି ପାଇଛି। ଫଳସ୍ୱରୂପ, ବୀମା ମୂଲ୍ୟ ବୃଦ୍ଧି ପାଇଛି ଏବଂ ନିରନ୍ତର ବୀମା ସୁରକ୍ଷା ଉପଲବ୍ଧତାକୁ ନେଇ ଅନିଶ୍ଚିତତା ଦେଖାଦେଇଛି।

**ପିଆଜ ଚାଷୀଙ୍କ ଉପରେ ମଧ୍ୟପ୍ରାଚ୍ୟ ସଙ୍କଟର ପ୍ରଭାବ**

# ଅଧା ଦରରେ ପିଆଜ ବିକୁଛନ୍ତି ଚାଷୀ

ନୂଆଦିଲ୍ଲୀ,୧୯।୪(ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧର ବଡ଼ ପ୍ରଭାବ ଭାରତର ପିଆଜ ବଜାର ଉପରେ ପଡିଛି। ଅନ୍ତର୍ଜାତୀୟ ବଜାରର ଚାହିଦା ହ୍ରାସ, ସମୁଦ୍ରରେ ପରିବହନ ମହଙ୍ଗା ହେବା ସାଙ୍ଗକୁ ଘରୋଇ ବଜାରରେ ଚାହିଦା ନ ରହିବା ପିଆଜ ମୂଲ୍ୟ ଉପରେ ଭୀଷଣ ଚାପ ସୃଷ୍ଟି କରିଛି। ପରିସ୍ଥିତି ଏପରି ହୋଇଛି ଯେ ଚାଷୀମାନେ ସେମାନଙ୍କ ଫସଲ ଅମଳର ଅଧାଦରରେ ମଧ ପିଆଜ ବିକିବାକୁ ବାଧ ହେଉଛନ୍ତି। ଯଦି ପରିସ୍ଥିତିକୁ ଆୟତ୍ତ କରା ନ ଯାଏ ତେବେ ଏହାର ପ୍ରଭାବ ଆସନ୍ତାବର୍ଷର ଫସଲ ଉପରେ ଦେଖିବାକୁ ମିଳିବ। ତେବେ ସରକାର ବର୍ତ୍ତମାନ ପରିସ୍ଥିତି ସମ୍ଭାଳିବାକୁ ନାଫେଡ ଓ ଏନସିସିଏଫ ଭଳି ଏଜେନ୍ସିଗୁଡିକୁ ବଜାରରୁ ପିଆଜ କିଣି ବଫର ଷ୍ଟକ୍ ବଢ଼ାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।ଭାରତ ହେଉଛି ଶ୍ୱର ବଡ଼ ପିଆଜ ରପ୍ତାନୀକାରୀ। ଭାରତରୁ ହେଉଥିବା ପିଆଜ ରପ୍ତାନୀର ଏକ ବଡ଼ ଭାଗ ଉପସାଗରୀୟ ଦେଶ ଯଥା, ୟୁଏଇ, ସାଉଦୀ ଆରବ, କୁଏତ୍, ଇରାକ ଏବଂ ଓମାନ ଆଦି ଦେଶକୁ ଯାଇଥାଏ। ହେଲେ ପଶ୍ଚିମ ଏସିଆରେ ଜାରି ସଂଘର୍ଷ ଯୋଗୁ ଏହି ସବୁ ଦେଶଙ୍କ ବାଣିଜ୍ୟିକ ଗତିବିଦ୍ଧି ପ୍ରଭାବିତ ହୋଇଛି। ଫଳରେ ପିଆଜ ରପ୍ତାନୀ ପାଖାପାଖି ୩୦% ହ୍ରାସ ହୋଇଛି। ଏଥିରେ ଉପସାଗରୀୟ ଦେଶଗୁଡିକୁ ହେଉଥିବା ରପ୍ତାନୀ ୫୦-୬୦% ହ୍ରାସ ହୋଇଛି। ଏହାର ସିଧାସଳଖ ପ୍ରଭାବ ଏବେ ଘରୋଇ ବଜାର ଉପରେ ପଡୁଛି।



ଘରୋଇ ବଜାରକୁ ଅଚାନକ ପିଆଜ ଯୋଗାଣ ବଢିଯାଇଥିବାବେଳେ ଚାହିଦା କିନ୍ତୁ ନାହିଁ। ଏଣୁ ପାଇକାରୀ ବଜାରରେ ପିଆଜ ଏବେ କ୍ୱିଣ୍ଟାଲ ପିଛା ୮୦୦ରୁ ୧୦୦୦ ଟଙ୍କାରେ ବିକ୍ରି ହେଉଛି। ତେବେ ପିଆଜ ଉତ୍ପାଦନ ବାବଦ ବ୍ୟୟ ପ୍ରତି କ୍ୱିଣ୍ଟାଲ ୧୮୦୦ ରୁ ୨୨୦୦ ଟଙ୍କା ମଧ୍ୟରେ ହୋଇଛି। ଏଣୁ ଚାଷୀଙ୍କୁ ଫସଲର ଉଚିତ୍ ଦର ମିଳୁ ନାହିଁ। ଫଳରେ ଚାଷୀ ହତାସ ହେଉଛନ୍ତି। ହର୍ଟିକଲଚୁରାଲ ପ୍ରଡ୍ୟୁସ ଏକ୍ସପୋର୍ଟର୍ସ ଆସୋସିଏସନ ଅଫ ଇଣ୍ଡିଆର ଜାତୀୟ ଉପାଧକ୍ଷ ବିକାଶ ସିଂହଙ୍କ କହିବା ହେଉଛି ବଢୁଥିବା ସିପିଂ ଖର୍ଚ୍ଚ ପରିସ୍ଥିତିକୁ ଜଟିଳ କରିଛି। କିଛି ମାସ ପୂର୍ବରୁ କଣ୍ଟେନର ଭଡ଼ା ୫୦୦ରୁ ୮୦୦ ଡଲାର ମଧ୍ୟରେ ଥିବାବେଳେ ତାହା ଏବେ ବଢି ୬୦୦୦ରୁ ୭୫୦୦ ଡଲାର ହୋଇଯାଇଛି। ଏଣୁ ରପ୍ତାନୀ କରିବା ଏବେ ବ୍ୟବସାୟୀଙ୍କ ଲାଗି କ୍ଷତିର ବିଷୟ ପାଲଟିଛି। ଏଣୁ ରପ୍ତାନୀକାରୀ ପଛକୁ ହଟି ଯାଇଛନ୍ତି, ଯାହାର ସିଧା ପ୍ରଭାବ ଚାଷୀଙ୍କ ଆମଦାନୀ ଉପରେ ପଡୁଛି। ଉପସାଗରୀୟ ସଙ୍କଟର ପ୍ରଭାବ ଦେଶର ଘରୋଇ ଚାହିଦାକୁ ମଧ ପ୍ରଭାବିତ କରିଛି। ହୋଟେଲ ଓ ରେଷ୍ଟୋରାଁଗୁଡିକରେ ଧିମା କାରବାର ଓ ଏଲପିଜି ଯୋଗାଣ ଅନିୟମିତତା କାରଣରୁ ଖର୍ଚ୍ଚ କମିଛି। ଏହା ଛଡା ବାଂଲାଦେଶ ଭଳି ପାରମ୍ପରିକ କ୍ରେତା ମଧ ଗତ ୨ ବର୍ଷ ହେଲା ପିଆଜ ଆମଦାନୀ ହ୍ରାସ କରିଛି। ଏଣୁ ବଜାରରେ ପିଆଜ ଚାହିଦା ହ୍ରାସ ହୋଇଛି। ହେଲେ ଚଳିତବର୍ଷ ଦେଶରେ ପିଆଜ ଅମଳ ଭଲ ହୋଇନାହିଁ। ଜାତୀୟ ସ୍ତରରେ ଏହି ଉତ୍ପାଦନ ହାର ୧୦ରୁ ୧୧% ପର୍ଯ୍ୟନ୍ତ ହ୍ରାସ ପାଇଛି। ତେଣୁ ଚଳିତବର୍ଷ ବଜାରରେ ପିଆଜ ଦର ଅଧିକ ହୋଇଥାନ୍ତା। ହେଲେ ରପ୍ତାନୀ ବନ୍ଦ ଯୋଗୁ ଦେଶରେ ପ୍ରବଳ ପିଆଜ ମହଜୁଦ ଅଛି। ଏହାର ଅର୍ଥ ହେଉଛି କମ୍ ଉତ୍ପାଦନ ସତ୍ତ୍ୱେ ମୂଲ୍ୟ ଏଥି ପାଇଁ ବଢିପାରିନି, କାରଣ ଦେଶ ଭିତରେ ଅଧିକ ମାଲ ରହିଛି।

**ଉପସାଗରୀୟ ଦେଶକୁ ରପ୍ତାନୀରେ ୬୦% ହ୍ରାସ**

**ରପ୍ତାନୀ ବନ୍ଦ, ଦେଶରେ ନାହିଁ ଚାହିଦା**

